## ସଂକ୍ଷେପରେ

### ବିଏମ୍ଏସ୍‌ର ନୂଆ କର୍ମକର୍ତ୍ତା




ତାଳଚେର, ୧୯ (ନି.ପ୍ର.): ତାଳଚେର କୋଇଲା ଖଣି ମଜଦୁର ସଂଘ (ବିଏମ୍ଏସ୍)ର ୨୦୨୨-୨୦୨୪ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସୁବାସ ଚନ୍ଦ୍ର ପ୍ରଧାନ ଓ ସାଧାରଣ ସମ୍ପାଦକ ଭାବେ ବୀରେନ କୁମାର ଖିଲାର ମନୋନୀତ ହୋଇଛନ୍ତି। ଅଖିଳ ଭାରତୀୟ ଖଦାନ ମଜଦୁର ସଂଘର ସାଧାରଣ ସମ୍ପାଦକ ସୁଧୀର ଘୁରଡେ ନିର୍ବାଚିତ ପଦାଧିକାରୀଙ୍କୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ନବ ନିର୍ବାଚିତ ସଭାପତି ଓ ସାଧାରଣ ସମ୍ପାଦକଙ୍କୁ କୋଇଲା ଖଣି ଶ୍ରମିକମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

### ମହିମା ଅଖଣ୍ଡ ଧ୍ୱନି, ନାମକୀର୍ତ୍ତନ

କଣିହାଁ, ୧୯(ଡି.ଏନ.ଏ.): କଣିହାଁ ବ୍ଲକ ଭୂଇଁପୁର ଗ୍ରାମରେ ରବିବାର ମହିମା ଅଖଣ୍ଡ ଧ୍ୱନି ଓ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗତ କଲ୍ୟାଣ ସହିତ ଗ୍ରାମର ମଙ୍ଗଳ ନିମିତ୍ତ ଗ୍ରାମବାସୀଙ୍କ ସହଯୋଗରେ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ କରାଯାଉଛି। ବକଲଧାରୀ ବାବାଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଶତାଧିକ ଅଲେଖ ମହିମାପ୍ରେମୀ ଯୋଗଦାନ କରିଥିଲେ। ବାବା ଯୁଧିଷ୍ଠିର ଦାସ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଥିଲେ।



# ୭୦ ମଣ୍ଡପରେ ପୂଜା, ତାଳଚେର ଉତ୍ସବମୁଖର

ତାଳଚେର, ୧୯(ନି,ପ୍ର)

ଧୁମ୍‌ଧାମରେ ଆରମ୍ଭ ହୋଇଛି ତାଳଚେରର ଗଣପର୍ବ ଗଣେଶ ପୂଜା। ଚଳିତବର୍ଷ ୭୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ବିରାଜିଛନ୍ତି ବିଘ୍ନରାଜ। ୧୧ ଦିନ ବ୍ୟାପୀ ହେବାକୁ ଥିବା ଏହି ପୂଜାକୁ ନେଇ ତାଳଚେର ଉତ୍ସବମୁଖର ହୋଇଉଠିଛି। ରଙ୍ଗିନ ଆଲୋକମାଳାରେ ପୁରୁଣା ପୋଷ୍ଟ ଅଫିସଠାରୁ ହାଣ୍ଡିଧୁଆଁ ପର୍ଯ୍ୟନ୍ତ ୫ କି.ମି. ଅଞ୍ଚଳ ଝଲମଲ କରୁଛି।

ପଚାଶ ଦଶକରେ ବଡବଜାର ଛକଠାରେ ପ୍ରଥମେ ଗଜାନନଙ୍କ ପୂଜା ଆରମ୍ଭ ହୋଇଥିଲା। ଗତ ୭୨ବର୍ଷ ମଧ୍ୟରେ ସହରରେ ପୂଜା ମଣ୍ଡପ ସଂଖ୍ୟା ପ୍ରାୟ ଶହେକୁ ଛୁଇଁବାକୁ ବସିଲାଣି। ସେହିପରି ଅତ୍ୟାଧୁନିକ ସାଜସଜା ଓ ପୂଜାକୁ ଅଧିକ ଆକର୍ଷଣୀୟ କରିବାକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ପୁରୁଣାପୋଷ୍ଟ ଅଫିସ, ବଡବଜାର, ନୂଆବଜାର ସାହି, ହନୁମାନପଡା, ନୂଆ ବସ୍‌ଷ୍ଟାଣ୍ଡ, ବିଶ୍ୱକର୍ମା ବଜାର, ଗଣପତି ବଜାର, ହାଟତୋଟା ବଣିକ ସଂଘ, ତାମ୍ରିତ ମାର୍କେଟ, ବଉଳଛକ, କାରିଗରପଡା, ପାଟଣାସାହି, ଭୈରବୀସାହି, ଶର୍ମାଛକ, ହାଣ୍ଡିଧୁଆଁ ପୂଜାମଣ୍ଡପ ଆଦିରେ ଆକର୍ଷଣୀୟ ମୂର୍ତ୍ତି ଓ ତାରଣ ନିର୍ମାଣ ହୋଇଛି। ଏଥିସହ ପୌରାଣିକ ଓ ସାମାଜିକ କଥାବସ୍ତୁକୁ ଆଧାର କରି ଅନେକ ସ୍ଥାନରେ ମଣ୍ଡପ ସଜା ଯାଇଛି। ସକାଳୁ ପୂଜାମଣ୍ଡପ ଗୁଡିକରେ ବେଦଜ୍ଞ ବ୍ରାହ୍ମଣମାନଙ୍କ ମନ୍ତ୍ର ପାଠ ସହରରେ ଆଧାତ୍ମିକ ପରିବେଶ ସୃଷ୍ଟି କରୁଛି। ରାଜ୍ୟ ଓ ରାଜ୍ୟ ବାହାରୁ ଶତାଧିକ ଉଠାଦୋକାନୀ ସହରରେ ପସରା ମେଲାଇଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅତିରିକ୍ତଏସ୍‌ପିଙ୍କ ସହିତ ୨ ଏସ୍‌ଡିପିଓ, ଜଣେ ଡିଏସ୍‌ପି, ୨୩ ଏସ୍‌ଆଇ, ୨୨ ଏଏସ୍‌ଆଇ, ୫ ଇନ୍ସପେକ୍ଟର, ୧୩ ହେଡ୍ କନଷ୍ଟେବଳ, ୧୫୩ ହୋମଗାର୍ଡଙ୍କ ସହ ସାଢେ ୨୩ ସେକ୍ସନ ଫୋର୍ସ ମୁତୟନ କରାଯାଇଛି।


ତାଳଚେର ଅରାସାହିସ୍ଥିତ ଆମରି ସଂସ୍ଥା ଗଣେଶ ପୂଜା କମିଟି ମେଢ଼।


ବଉଳ ଛକଠାରେ ମେଢ଼ ପାର୍ଶ୍ୱରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଆଧାରିତ କଳାକୃତି।


ହାଣ୍ଡିଧୁଆ ଛକଠାରେ ହୋଇଥିବା ତୋରଣ।



ମହାରଣାସାହି ଯୁବକ ସଂଘ ଗଣେଶ ପୂଜା କମିଟି। ବାଇପାସ ବଜାର ଗଣେଶ ପୂଜା କମିଟି।


ତାଳଚେର କାରିଗରପଡ଼ା ମେଢ଼।

# ନାଲ୍‌କୋ ଅଫିସର ଆସୋସିଏଶନରେ ପୂଜା



ବଆଁରପାଳ, ୧୯(ଡି.ଏନ.ଏ)

ନାଲ୍‌କୋ ଅଫିସର ଆସୋସିଏଶନର ପ୍ରତିଷ୍ଠା ଦିବସ ଓ ଗଣେଶ ପୂଜା ବୁଧବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜିଜିଏମ (ଏଚ୍‌ଆଣ୍ଡଏ-ଏସ୍‌ଆଣ୍ଡପି) ସତ୍ୟାନନ୍ଦ ସାହୁ, ଜିଜିଏମ୍(ସିପିପି) ଏସ୍.ଆର୍. ପଟ୍ଟନାୟକ, ଜିଜିଏମ୍ (ସ୍ମେଲ୍ଟର) ଏସ୍.ଏମ୍. ଅଲ୍ଲୀ ଯୋଗଦାନ କରିଥିଲେ। ଆସୋସିଏଶନର ସମସ୍ତ ସଦସ୍ୟଙ୍କ ପରିବାର ଓ ପୂର୍ବତନ ସଦସ୍ୟଙ୍କ ପରିବାର ପ୍ରମୁଖ ଯୋଗଦାନ କରିଥିଲେ। ସଭାପତି ପ୍ରସନ୍ନ ମଲ୍ଲିକ, ସାଧାରଣ ସମ୍ପାଦକ ନଳିନୀକାନ୍ତ ପଣ୍ଡା, ଉପସଭାପତି ବନମାଳୀ ସେଠୀ, ନିର୍ମଳ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କେ.କେ. ବେହେରା, କୋଷାଧ୍ୟକ୍ଷ ଗୌତମ ନାୟକ, ମଦନ ମୋହନ ବେହେରା, ପୀୟୂଷ ରଞ୍ଜନ ପତି, ଶିବପ୍ରସାଦ ବେହେରା, ସୁବାସ ପ୍ରଧାନ, ରାହୁଲ କ୍ରିଷ୍ଣା, ଡକ୍ଟର ଲିତା ଦେହୁରୀ ପରିଚାଳନା କରିଥିଲେ। କର୍ତ୍ତା ଭାବେ ନିର୍ମଳ ପଟ୍ଟନାୟକ, ଲୀତା ଦେହୁରୀ, ସୋନାଲି ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥଲେ।

# ଗଣେଶପୂଜା ପାଇଁ ବଇଣ୍ଡା ଉତ୍ସବମୁଖର


ବଇଣ୍ଡା ଶିକ୍ଷକପଡ଼ା ଅଞ୍ଚଳରେ ହୋଇଥିବା ମେଢ଼ ଓ କର୍ମକର୍ତ୍ତାମାନେ।


ବଇଣ୍ଡା କଦଳୀମୁଣ୍ଡାରେ ପୂଜା।


ଆଠମଲ୍ଲିକର ମାଧପୁରସ୍ଥିତ ତିତିରିକଟାରେ ପୂଜା।


ମାଧପୁର ସଂଗ୍ରାମୀ ଛକରେ ପୂଜା।


ମାଧପୁର ଗଣେଶ ବଜାରରେ ପୂଜା।

ବଇଣ୍ଡା/ ମାଧପୁର, ୧୯(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳର ଶିକ୍ଷକପଡା, କଦଳୀମୁଣ୍ଡା, ଫ୍ରେଣ୍ଡସ୍ କ୍ଲବ, ରାମଦେଓ ଉଚ୍ଚ ବିଦ୍ୟାଳୟ, ଶିଶୁମନ୍ଦିର, ଜନତା ମହାବିଦ୍ୟାଳୟ, ନାଇସ ଆଦି ସ୍ଥାନରେ ଗଣେଶ ପୂଜା ପାଳିତ ହୋଇଯାଇଛି। ନିକଟସ୍ଥ ପୋଖରୀରୁ କଳସରେ ପାଣି ଆଣିବା ପରେ ପୂଜା ଆରମ୍ଭ ହୋଇଥିଲା। ରଙ୍ଗବେରଙ୍ଗ ଆଲୋକମାଳା ସାଙ୍ଗକୁ ଚୁମ୍ବକୀୟ ଆଲୋକରେ ପୂଜା ମଣ୍ଡପ ଝଲସି ଉଠୁଛି। କରୋନା ଯୋଗୁ ଦୀର୍ଘ ୨ ବର୍ଷ ବନ୍ଦ ରହିବା ପରେ ଏଥର ପୂଜା ହେଉଥିବା ଯୋଗୁ ଗାଁଠାରୁ ସହର ପର୍ଯ୍ୟନ୍ତ ଉତ୍ସବମୁଖର ହୋଇପଡିଛି। ପୂଜା କମିଟି ପକ୍ଷରୁ ମଣ୍ଡପରେ ବ୍ୟାପକ ଆୟୋଜନ କରାଯାଇଥିବାବେଳେ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି। ପୂଜା କମିଟିର ଅକ୍ଷୟ ସାହୁ, ଶରତ ଚନ୍ଦ୍ର ବେହେରା, ସନ୍ତୋଷ ବେହେରା, ପ୍ରଶ୍ନ ସାହୁ, ଶରତ ଚନ୍ଦ୍ର ସେଠୀ, ଶ୍ରୀକାନ୍ତ ବେହେରା ସହଯୋଗ କରିଥିଲେ। ସେହିପରି ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳରେ ଧୁମ୍‌ଧାମରେ ଗଣେଶ ପୂଜା ପାଳନ କରାଯାଇଛି।

# ଛେଣ୍ଡିପଦାରେ ୧୬ ମଣ୍ଡପ


ଛେଣ୍ଡିପଦା ଖମାର ଗଉଡ଼ନାଳି ସାହି।


ମଝି ବଜାର ମେଢ଼।


ଛେଣ୍ଡିପଦା ପ୍ରଧାନ ସାହି।

ଛେଣ୍ଡିପଦା, ୧୯(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ଗଣେଶ ପୂଜା ପାଳିତ ହୋଇଛି। ବ୍ଲକର ଖମାର ଗ୍ରାମରେ ୧୬ରୁ ଊର୍ଦ୍ଧ୍ୱ ମଣ୍ଡପରେ ଗଣନାଥଙ୍କ ପୂଜା କରାଯାଇଛି। ସେହିପରି ଛେଣ୍ଡିପଦା ପଞ୍ଚାୟତର କଇଥସାହି, ତ୍ରିନାଥ କ୍ଲବ, ଉପରସାହି ଗଣେଶ ପୂଜା କମିଟି, ପ୍ରଧାନ ସାହି ଓ ମଝି ବଜାର ଗଣେଶ ପୂଜା କମିଟି ପକ୍ଷରୁ ପୂଜା ପାଳିତ ହୋଇଛି। କୋଶଳା ପଞ୍ଚାୟତର ରାଜୀବ କ୍ଲବ, ମେଡିକାଲ ଛକ, କୁମ୍ଭାରସାହି ସ୍କୁଲ ଛକ, ଗୋଚ୍ଛାୟତସାହି ଓ ଷଣ୍ଢପାଳ ଆଦି ବିଭିନ୍ନ ସ୍ଥାନରେ ପୂଜା କରାଯାଇଛି। ବାଗଡିଆର ପୁରୁଣା ହାଟପଦା, ଦୈନନ୍ଦିନ ବଜାର, ବଜାରପଡା ଓ ଜରପଡା ଆଦି ସ୍ଥାନରେ ଯୁବ ଗୋଷ୍ଠୀଙ୍କ ଦ୍ୱାରା ପୂଜା ସମ୍ପନ୍ନ ହୋଇଛି। ରଙ୍ଗୀନ ଆଲୋକମାଳାରେ ପୂଜା ମଣ୍ଡପଗୁଡ଼ିକ ଝଲସୁଛି।


ଅନୁଗୋଳ କଳିଙ୍ଗ ଯୁବ ବିକାଶ କେନ୍ଦ୍ର ପକ୍ଷରୁ ପ୍ରଥମକରି ଠାକୁରଙ୍କ ରୂପ ମୁକୁଟ କରାଯାଇଛି


ବଜାର ତୋଫାନ ଛକ।

## ଅନୁଗୋଳ ସହରରେ ବିରାଜମାନ ବିଘ୍ନବିନାଶନ


ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟରେ ପୂଜା ବେଳେ ଛାତ୍ରୀମାନେ।


କ୍ଲବ୍ ଗଣପତ୍ ମେଢ଼।


ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ।


ମହା ବିନାୟକ କ୍ଲବ।


ଅନୁଗୋଳ ଅମଳାପଡ଼ାସ୍ଥିତ ଏ-୧ କ୍ଲବ।

# ଶେଷ ହେଉନି ଶୀତଳଯୁଦ୍ଧ

■ଢେଙ୍କାନାଳରେ ଥମୁନି ବିଜେଡି-ଭାଜପା କଳି
■ପୌରାଧ୍ୟକ୍ଷାଙ୍କ କାମର ହିସାବ ମାଗିଲେ ଉପାଧ୍ୟକ୍ଷ
■ଫଳକ ରାଜନୀତିକୁ ତୀବ୍ର ନିନ୍ଦା କଲେ
■ଉନ୍ନୟନ କାର୍ଯ୍ୟ ପ୍ରଭାବିତ, ଅସନ୍ତୋଷ ବଢ଼ୁଛି

**ଢେଙ୍କାନାଳ ଅଫିସ, ୧୯**

ଢେଙ୍କାନାଳ ପୌରସଂସ୍ଥାରେ ଭାଜପା-ବିଜେଡି ମଧ୍ୟରେ ଆରମ୍ଭ ହୋଇଥିବା ଶୀତଳଯୁଦ୍ଧ ସମୟକ୍ରମେ ଆହୁରି ତୀବ୍ର ହେଉଛି। ଦୁଇ ଗୋଷ୍ଠୀ ଆକ୍ଷେପ-ପ୍ରତି ଆକ୍ଷେପରେ ମାତିଥିବାବେଳେ ଉନ୍ନୟନମୂଳକ କାର୍ଯ୍ୟ ଏକରକମର ଠପ୍ ହୋଇଯାଇଛି, ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପୌରାଞ୍ଚଳର ୭୧ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ସାନ୍ଧ୍ୟ କାର୍ଯ୍ୟକ୍ରମକୁ ବାତିଲ୍ କରାଯାଇଥିବାବେଳେ ଭାଜପା ନେତ୍ରୀ ତଥା ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଖବରଦାତା ସମ୍ମିଳନୀ କରି ଏଥିପାଇଁ ବିଜେଡି ଉପରକୁ ଦୋଷ ଠେଲିଥିଲେ। ଏହାର ୨୪ଘଣ୍ଟା ପରେ ଗୁରୁବାର ଅପରାହ୍ନ ୫ଟାରେ ଜିଲା ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପାଧ୍ୟକ୍ଷ ପ୍ରକାଶ କୁଅଁର ୧୪ ଦଳୀୟ କାଉନ୍‌ସିଲରଙ୍କ ଉପସ୍ଥିତିରେ ଭାଜପାକୁ ପାଲଟା ଆକ୍ରମଣ କରିଛନ୍ତି। ସେ ଫଳକ ରାଜନୀତିକୁ ନିନ୍ଦା କରିବା ସହ ଗତ ମାର୍ଚ୍ଚ ୨୪ରେ ପୌରାଧ୍ୟକ୍ଷା ଦାୟିତ୍ୱ ନେବାପରେ କ'ଣ ସବୁ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି, ସାଧାରଣ ଜନତାଙ୍କୁ ତାହାର ହିସାବ ଦିଅନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି।


ବିଜେଡି ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପାଧ୍ୟକ୍ଷ, କାଉନ୍‌ସିଲର ଏବଂ ଦଳୀୟ ନେତୃବୃନ୍ଦ।

ଉପାଧ୍ୟକ୍ଷ କୁଅଁର ଖବରଦାତା ସମ୍ମିଳନୀରେ ଭାଜପାକୁ ସିଧାସଳଖ ଆକ୍ରମଣ କରିଛନ୍ତି। ସେ କହିଛନ୍ତି, ପୌରାଧ୍ୟକ୍ଷା ଭିତ୍ତିହୀନ ଓ ମିଥ୍ୟା ତଥ୍ୟ ଦେଇଛନ୍ତି। ଫଳକରେ ବିଧାୟକଙ୍କ ନାମ ଲେଖାଯିବାକୁ ନେଇ ଚାପ ପ୍ରୟୋଗ କରାଯାଉଛି ବୋଲି ପୌରାଧ୍ୟକ୍ଷା କହୁଥିବା କଥାରେ ଯଦି ସତ୍ୟତା ଥାଏ, ତା' ହେଲେ ସେ ରାଜନୀତିରୁ ସନ୍ନ୍ୟାସ ନେଇଯିବେ ବୋଲି କହିଛନ୍ତି। ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ସକାଳେ ପୌର କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଉଦ୍‌ବୋଧନ ଦେଇ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତେ ମିଳିମିଶି କାମ କରିବା ବୋଲି କହିଥିଲେ। ଏହାପରେ ପୌରାଧ୍ୟକ୍ଷାଙ୍କ ସମେତ ବିଜେଡି-ଭାଜପା କାଉନ୍‌ସିଲର ଏକାଠି ହୋଇ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲୁ। ତେବେ ହଠାତ୍ ଅପରାହ୍ନ ୩ଟାରେ ପରିବାର କଥାରେ ପରିଚାଳିତ ହୋଇ ପୌରାଧ୍ୟକ୍ଷାଙ୍କ ନିଷ୍ପତ୍ତି ବଦଳିଗଲା। କାର୍ଯ୍ୟକ୍ରମକୁ ବାତିଲ କରିବା ପାଇଁ ନିର୍ବାହୀ ଅଧିକାରୀଙ୍କ ଉପରେ ଚାପ ପକାଗଲା। ପୌରାଧ୍ୟକ୍ଷାଙ୍କ ଫଳକ ରାଜନୀତି ନିନ୍ଦନୀୟ। ଏଭଳି ରାଜନୀତିକୁ କରି କେହି କେବେ ଆଗକୁ ବଢ଼ିନାହିଁ। ବିଗତ ଦିନରେ ପଦବୀରେ ଥିବା ପୌରାଧ୍ୟକ୍ଷମାନେ ରାଜ୍ୟ ସରକାରଙ୍କ ଯୋଜନା ଓ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଫଳକରେ ଏମ୍‌ପି ଓ ବିଧାୟକଙ୍କ ନାମ ଲେଖିଥିବା ନଜିର ରହିଛି। ତେବେ ନିର୍ବାଚିତ ହେବା ପରେ ପୌରାଧ୍ୟକ୍ଷା ସମସ୍ତ ଉନ୍ନୟନ କାର୍ଯ୍ୟ ବନ୍ଦ ରଖିବା ପାଇଁ ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀଙ୍କୁ କହିଥିଲେ। ଏପରିକି ପ୍ରଥମ କାଉନ୍‌ସିଲ ବୈଠକର ରିଜୋଲ୍ୟୁଶନ ମାସେ ପରେ ଦେଲେ। ପୌରାଧ୍ୟକ୍ଷା ପରିବାର ଭରଣ ପୋଷଣ ପାଇଁ ରାଜନୀତିକୁ ଅସ୍ତ୍ର କରିଛନ୍ତି। ତାଙ୍କ ସ୍ୱାମୀ ପୌରସଂସ୍ଥାର ସବୁ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି। ଢେଙ୍କାନାଳ ବିଧାୟକ ଫଳକ ରାଜନୀତିରେ ବିଶ୍ୱାସ କରନ୍ତି ନାହିଁ। ତାଙ୍କ ଉପରେ ପୌରାଧ୍ୟକ୍ଷା ଯେଉଁ ମିଥ୍ୟା ଆରୋପ ଲଗାଇଛନ୍ତି, ସେଥିଲାଗି କ୍ଷମା ମାଗନ୍ତୁ ବୋଲି ଉପାଧ୍ୟକ୍ଷ କୁଅଁର ଦାବି କରିଛନ୍ତି। ଏଥିସହ ସ୍ୱାୟତ୍ତ ଶାସନ ଦିବସର ସନ୍ଧ୍ୟାକାଳୀନ ସମାରୋହ ବାତିଲ ପାଇଁ ନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ପୌର କର୍ମଚାରୀମାନଙ୍କୁ ମଧ କ୍ଷମା ମାଗନ୍ତୁ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ବିଧାୟକଙ୍କ ପ୍ରତିନିଧି ଅଜୟ କୁମାର ଭଞ୍ଜଙ୍କ ସମେତ ୧୪ ବିଜେଡି କାଉନସିଲର ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ସ୍ୱାୟତ୍ତ ଶାସନ ଦିବସର ସନ୍ଧ୍ୟାକାଳୀନ ସମାରୋହ ବାତିଲ ହେବା ପରେ ଅପରାହ୍ନ ୫ଟାରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଖବରଦାତା ସମ୍ମିଳନୀରେ ବିଜେଡିକୁ ଆକ୍ଷେପ କରିଥିଲେ। ସେ କହିଥିଲେ, ପୌରସଂସ୍ଥା ପକ୍ଷରୁ ହୋଇଥିବା ପ୍ରକଳ୍ପରେ ଏମ୍‌ପି କିମ୍ବା ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ କୌଣସି ଅର୍ଥ ବିନିଯୋଗ ହୋଇ ନ ଥାଏ। ତଥାପି ଶିଳାନ୍ୟାସର ସୂଚନା ଫଳକରେ ସେମାନଙ୍କ ନାମ ଉଲ୍ଲେଖ ପାଇଁ ଚାପ ପ୍ରୟୋଗ କରାଯାଉଛି। ଏହା ନ ହେଲେ ଫଳକ ଭାଙ୍ଗିଦେବୁ ବୋଲି ଉପାଧ୍ୟକ୍ଷ ଧମକ ଦେଉଛନ୍ତି। ବିଧାୟକ ଓ ବିଜେଡି କାଉନ୍‌ସିଲରଙ୍କ ସଂଖ୍ୟା ଗରିଷ୍ଠତା ଚାପରେ ଏଭଳି କରାଯାଉଥିବା ପୌରାଧ୍ୟକ୍ଷା ଅଭିଯୋଗ ଆଣିଥିଲେ।

# ମା'ଙ୍କ ମୂର୍ତ୍ତି ପାଇଁ ଉଠିଲା ମାଟି

■ସାମିଲ ହେଲେ ୧୩ଟି ପୂଜା ପ୍ରତିଷ୍ଠାନ
■ବାଜାବାଣ, ସଂକୀର୍ତ୍ତନରେ କମ୍ପିଲା ଭୁବନ

**ଭୁବନ, ୧୯(ଡି.ଏନ୍.ଏ.)**

ମହିଷମର୍ଦ୍ଦିନୀଙ୍କ ପ୍ରସିଦ୍ଧ ଶାରଦୀୟ ପୂଜା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ପବିତ୍ର ଗଣେଶ ଚତୁର୍ଥୀରେ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ଲାଗି ଅନୁକୂଳ ହୋଇଛି ଶୁଭମାଟି। ଦୁର୍ଗାପୂଜାର ଏହି ଆଦ୍ୟପର୍ବରେ ଢେଙ୍କାନାଳ ଜିଲା ଭୁବନର ସମସ୍ତ ୧୩ ପୂଜା ପ୍ରତିଷ୍ଠାନ ସାମିଲ ହୋଇଥିବାବେଳେ ପାରମ୍ପରିକ ବାଦ୍ୟ, ସଂକୀର୍ତ୍ତନମଣ୍ଡଳୀ, ଆତସବାଜି ସାଜିଥିଲା ଶୋଭାଯାତ୍ରାର ପ୍ରମୁଖ ଆକର୍ଷଣ।

ଭୁବନର ଐତିହାସିକ ବଳଦ ଯାତ୍ରା ଏବଂ ପ୍ରସିଦ୍ଧ ଦଶହରା ଦେଶ ବିଦେଶରେ ପରିଚିତ। ଦୀର୍ଘ ୨ବର୍ଷ ହେଲା କରୋନା କଟକଣା ପାଇଁ କେବଳ ବିଧି ପାଳନ ହେଉଥିବାବେଳେ ଚଳିତ ବର୍ଷ ଆଡମ୍ବର ସହକାରେ ମହୋତ୍ସବ ଆୟୋଜନ କରିବା ଲାଗି ଅଣ୍ଟା ଭିଡ଼ିଛନ୍ତି ସମସ୍ତ ପୂଜା ପ୍ରତିଷ୍ଠାନ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ୧୩ଟି ମଣ୍ଡପର କାର୍ଯ୍ୟକର୍ତ୍ତା ପୂର୍ବାହ୍ନ ୧୧ଟାରେ ଏକାଠି ହୋଇଥିଲେ। ସଂକୀର୍ତ୍ତନ ମଣ୍ଡଳୀ, ବାଜାବାଣ, ରୋଶଣିରେ ନଗର ପରିକ୍ରମା କରିବା ପରେ ବ୍ରାହ୍ମଣୀ ନଦୀର ଶାଖା ରଗଡ଼ି ନାଳରେ ସମସ୍ତେ ଏକାଠି ହୋଇଥିଲେ। ସେଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଭସାଣିରେ ଡିଜେକୁ ବାରଣ କରାଯାଇଥିବାବେଳେ ପାରମ୍ପରିକ ବାଦ୍ୟ ଏବଂ କଳାକାର ସାମିଲ ହେବେ। ସେହିପରି ଉଜ୍ଜ୍ୱଳ ଆଲୋକସଜ୍ଜା, ଆକର୍ଷଣୀୟ ତୋରଣ ଉପରେ ଗୁରୁତ୍ୱ ଦିଆଯିବ। ସମନ୍ୱୟ ରକ୍ଷା କରି ବିନା ବିଶୃଙ୍ଖଳାରେ ଯେମିତି ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହେବ, ସେଥିଲାଗି ସହମତି ପ୍ରକାଶ ପାଇଛି। ଏହାପରେ ଶୁଭମାଟି ନେଇ ପୂଜା ପ୍ରତିଷ୍ଠାନର ସଦସ୍ୟମାନେ ନିଜ ନିଜ ମଣ୍ଡପକୁ ଯାଇଥିଲେ।


ଶୁଭମାଟି ଉଠାଇବା ପୂର୍ବରୁ ରଗଡ଼ି ନାଳ କୂଳରେ ପୂଜାର୍ଚ୍ଚନା କରାଯାଉଛି।

## ସଂକ୍ଷେପରେ

### ମହିଳାଙ୍କୁ ହତ୍ୟା ଅଭିଯୋଗ

**ରାସୋଳ, ୧୯(ଡି.ଏନ୍.ଏ.)**- ଢେଙ୍କାନାଳ ଜିଲା ରାସୋଳ ଥାନା ବୁହାଳିପାଳ ଗ୍ରାମର ଅବିନାଶ ମୁଦୁଲିଙ୍କ ସ୍ତ୍ରୀ ମାନସୀ ସେନାପତି (୨୬)ଙ୍କ ବୁଧବାର ସନ୍ଧ୍ୟାରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ଦାମ୍ପତ୍ୟ କଳହରୁ ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବାବେଳେ ଭଉଣୀଙ୍କୁ ହତ୍ୟା କରାଯାଇଥିବା ମୃତ ମହିଳାଙ୍କ ଭାଇ ପଙ୍କଜ ସେନାପତି ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୫୮/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ହିନ୍ଦୋଳ ଥାନା ବାହାଲୁଣ୍ଡାର ମାନସୀ ୮ବର୍ଷ ତଳେ ଅବିନାଶଙ୍କୁ ବିବାହ କରିଥିଲେ। ସେମାନଙ୍କ ୭ ଏବଂ ୨ ବର୍ଷ ବୟସର ଦୁଇ ପୁଅ ଅଛନ୍ତି। କୌଣସି କାରଣରୁ ସ୍ୱାମୀ-ସ୍ତ୍ରୀଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିବା ବେଳେ ବୁଧବାର ଏହା ଉଗ୍ରରୂପ ନେଇଥିଲା। ରାତି ପ୍ରାୟ ୯ଟା ବେଳେ ମାନସୀ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଘର ଲୋକେ ତାଙ୍କୁ ଉଦ୍ଧାର କରି ହିନ୍ଦୋଳ ମେଡିକାଲକୁ ନେଇ ଆସିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଭାଇ ପଙ୍କଜ ଥାନାରେ ଅଭିଯୋଗ କରିଛନ୍ତି ଯେ, ଶାଶୁଘରେ ଭଉଣୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିଲା। ସମସ୍ତେ ମିଳିମିଶି ତାଙ୍କୁ ହତ୍ୟା କରିଥିବା ଏଥିରେ ଉଲ୍ଲେଖ ରହିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ମହିଳାଙ୍କ ବାପଘରଙ୍କୁ ହସ୍ତାନ୍ତର କରିଛି।


ନବାନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସାଧୁସନ୍ନ୍ୟାସୀ ଓ ମହିମା ଧର୍ମାବଲମ୍ବୀ।

# ନୂଆ ଖାଇଲେ, ବିଶ୍ୱମଙ୍ଗଳ କାମନା କଲେ

**କାମାକ୍ଷାନଗର ୨୧ ହାତିଆ ମହିମା ଟୁଙ୍ଗିରେ ନବାନ୍ନ**

**କାମାକ୍ଷାନଗର, ୧୯(ଡି.ଏନ୍.ଏ.)**

କାମାକ୍ଷାନଗର ସହର ପ୍ରବେଶ ପଥରେ ଥିବା ୨୧ ହାତିଆ ମହିମା ଟୁଙ୍ଗିରେ ଗୁରୁବାର ଆନନ୍ଦ ଉଲ୍ଲାସରେ ନବାନ୍ନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ସମେତ ସମ୍ବଲପୁର, କେନ୍ଦୁଝର, ଯାଜପୁର ଜିଲାରୁ ସହସ୍ରାଧିକ ସାଧୁସନ୍ନ୍ୟାସୀ, ମହିମା ଧର୍ମାବଲମ୍ବୀ ଏଥିରେ ସାମିଲ ହୋଇ ନୂଆ ଖାଇବା ସହ ଶୂନ୍ୟଦିଅଁଙ୍କ ନିକଟରେ ବିଶ୍ୱମଙ୍ଗଳ କାମନା କରିଥିଲେ।

ନବାନ୍ନ ଉପଲକ୍ଷେ ପ୍ରତ୍ୟୁଷରୁ ପୀଠରେ ଆବଶ୍ୟକ ନୀତିକାନ୍ତି ହୋଇଥିଲା। ନୂଆ ହାଣ୍ଡିରେ ନୂଆ ଚୂଡ଼ା, ଗୁଡ଼, ନଡ଼ିଆ, ଦହି, ଘିଅ, ମହୁ, ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଫଳରେ ପ୍ରସ୍ତୁତ ନବାନ୍ନକୁ ମହିମା ଗୋସାଇଁଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥିଲା। ଏହାପରେ ସାମୂହିକ ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋରନ୍ଦା ପୀଠର ଅବିନାଶୀ ବାବା, ନିମେଇଁ ବାବା, ସ୍ଥାନୀୟ ମଠାଧୀଶ ଖଗ ବାବା, ଅପର୍ତ୍ତି ଦାସ, ଗୋଲେଖ ବିହାରୀ ଦାସ, ତରୁଣ ଦାସଙ୍କ ସମେତ ବହୁ ତ୍ୟାଗୀ ଓ ଗୃହୀ ସନ୍ନ୍ୟାସୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କାମାକ୍ଷାନଗର ମହିମା ଟୁଙ୍ଗିରେ ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମ ୧୪୮ବର୍ଷ ପୁରୁଣା। ୧୮୭୫ରେ ମହିମା ଧର୍ମର ପ୍ରଚାର ପାଇଁ ମହିମା ଗୋସାଇଁଙ୍କ ଦ୍ୱାରା ଏହି ଟୁଙ୍ଗି ପ୍ରତିଷ୍ଠା କରାଯାଇଥିଲା। ସେବେଠାରେ ନବାନ୍ନ କାର୍ଯ୍ୟକ୍ରମ ପ୍ରତିବର୍ଷ ଭାଦ୍ରବ ମାସରେ ଆୟୋଜିତ ହୋଇଆସୁଛି।

# ଉନ୍ନତ ପଡ଼ିଆ ନ ଥାଇ ଉତ୍କୃଷ୍ଟ ପ୍ରଦର୍ଶନ

■ନେହେରୁ କପ୍ ହକିରେ ଢେଙ୍କାନାଳ ରନର୍ସଅପ୍
■୧୬ଜଣିଆ ବାଳିକା ଦଳକୁ ଭବ୍ୟ ସମ୍ବର୍ଦ୍ଧନା
■କ୍ରୀଡ଼ାବିତ୍, ପ୍ରଶିକ୍ଷକଙ୍କ ଦାବି: ଆଷ୍ଟ୍ରୋଟର୍ଫ ପଡ଼ିଆ

**ଢେଙ୍କାନାଳ ଅଫିସ, ୧୯**

ଖେଳିବା ପାଇଁ ନାହିଁ ଆଷ୍ଟ୍ରୋ ଟର୍ଫ। ହେଲେ ମନରେ ଭରି ରହିଛି ଅଦମ୍ୟ ଉତ୍ସାହ, ଯାହାକୁ ପୁଞ୍ଜିକରି ସେମାନେ ସ୍କୁଲ ପଡ଼ିଆରେ କରୁଥିଲେ କଠିନ ଅଭ୍ୟାସ। ରାଜ୍ୟ ହାଇସ୍କୁଲସ୍ତରୀୟ ନେହେରୁ କପ୍ ହକି ପ୍ରତିଯୋଗିତାରେ ଏହାର ଫଳ ମିଳିଛି। ଯଦିଓ ଟାଇଟଲଠାରୁ ଗୋଟିଏ ପାଦ ଦୂରରେ ରହିଯାଇଛନ୍ତି, ତଥାପି ପ୍ରଥମଥର ରନର୍ସଅପ୍ ହେବା ଢେଙ୍କାନାଳର ବାଳିକା ଦଳ ପାଇଁ ଆଣିଦେଇଛି ଗଭୀର ଆତ୍ମତୃପ୍ତି। ହକିର ଗଡ଼ ଭାବେ ପରିଚିତ ରାଉରକେଲା ପାନପୋଷରେ ପ୍ରଭାବୀ ପ୍ରଦର୍ଶନ କରି ଗୁରୁବାର ୧୬ଜଣିଆ ଖେଳାଳି ପ୍ରତ୍ୟାବର୍ତ୍ତନ କରିଥିବାବେଳେ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି।

ରାଜ୍ୟ ହାଇସ୍କୁଲସ୍ତରୀୟ ନେହେରୁ କପ୍ ହକି ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟରେ ପ୍ରଭାବୀ ପ୍ରଦର୍ଶନ କରିଥିଲା ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କପିଳାସ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାଳିକା ଟିମ୍। ପ୍ରଥମ ମ୍ୟାଚ୍‌ରେ ଅନୁଗୋଳକୁ ହରାଇ କ୍ୱାର୍ଟରରେ ପ୍ରବେଶ କରିଥିବା ଏହି ଟିମ୍ କ୍ୱାର୍ଟର ଫାଇନାଲରେ ନୟାଗଡ଼କୁ ୫-୦ରେ ପରାସ୍ତ କରିଥିଲା। ସେହିପରି ସେମିରେ ସମ୍ବଲପୁରକୁ ହରାଇ ଫାଇନାଲରେ ପହଞ୍ଚିଥିଲା। ତେବେ ଫାଇନାଲ୍ ମ୍ୟାଚ୍‌ରେ ଶକ୍ତିଶାଳୀ ବିର୍ସାମୁଣ୍ଡା ବାଳିକା ହାଇସ୍କୁଲ ଦଳଠାରୁ ପରାଜୟ ବରଣ କରି ରନର୍ସଅପ୍ ହୋଇଥିଲା। ଗୁରୁବାର ପୂର୍ବାହ୍ନ ସାଢେ ୧୧ଟାରେ ରାଉରକେଲା-ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନ୍‌ରେ କ୍ରୀଡ଼ାବିତ୍‌ମାନେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଢେଙ୍କାନାଳ ରେଳ ଷ୍ଟେଶନରେ ଜିଲା ହକି ସଂଘ ଓ କ୍ରୀଡ଼ାବିତ୍‌ଙ୍କ ପକ୍ଷରୁ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜ୍ୟ ଓ ଜାତୀୟସ୍ତରୀୟ ହକି ଟୁର୍ନାମେଣ୍ଟ ଆଷ୍ଟ୍ରୋଟର୍ଫରେ ଅନୁଷ୍ଠିତ ହେଉଛି। ତେବେ ଢେଙ୍କାନାଳରେ ଏଭଳି ଉନ୍ନତଧରଣର ସୁବିଧା ନାହିଁ। ତେଣୁ ଆଷ୍ଟ୍ରୋଟର୍ଫରେ ହେଉଥିବା ମ୍ୟାଚ୍‌ରେ ସମସ୍ୟା ସୃଷ୍ଟି ହେଉଛି। ଜିଲାର ପ୍ରତିଭାବାନ୍ ହକି ଖେଳାଳିଙ୍କ ଦକ୍ଷତା ବଢ଼ାଇବା ପାଇଁ ତୁରନ୍ତ ଏକ ଆଷ୍ଟ୍ରୋଟର୍ଫ ପଡ଼ିଆ ନିର୍ମାଣ ନିମନ୍ତେ ଉଭୟ କ୍ରୀଡ଼ାବିତ୍ ଏବଂ ପ୍ରଶିକ୍ଷକମାନେ ଦାବି କରିଛନ୍ତି।


ନେହେରୁ କପ୍‌ରେ ରନର୍ସଅପ୍ ଢେଙ୍କାନାଳ ଜିଲା କପିଳାସ ସରକାରୀ ବାଳିକା ହାଇସ୍କୁଲ ଟିମ୍।

ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଏବଂ ଜିଲା ପ୍ରଶାସନର ସହଯୋଗରେ ଢେଙ୍କାନାଳରେ ହକି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କପିଳାସ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ 'ମୋ ହକି'ର ଶୁଭାରମ୍ଭ ହୋଇଛି। ତେବେ କ୍ରୀଡ଼ାବିତ୍‌ଙ୍କ ଉନ୍ନତଧରଣର ତାଲିମ ପାଇଁ ସେଭଳି ଭିତ୍ତିଭୂମିର ବିକାଶ କରିବା ଜରୁରୀ ବୋଲି ପ୍ରଶିକ୍ଷକ ବାବୁଲା ମହାନ୍ତି, ସାଇପ୍ରକାଶ ଦଲେଇ କହିଛନ୍ତି। ଢେଙ୍କାନାଳର ହକି କୋଚ୍ ଫ୍ଲୋରେନ୍ସିଆ ଏକ୍କା କୁହନ୍ତି, ଢେଙ୍କାନାଳର ହକି ପ୍ରତିଭାମାନେ ଖେଳରେ ଉନ୍ନତି କରୁଛନ୍ତି। ଅଲ୍ ଓଡ଼ିଶା ନେହେରୁ କପ୍‌ର ଫାଇନାଲ୍ ମ୍ୟାଚ୍‌ରେ ପ୍ରାୟତଃ ବିର୍ସା ମୁଣ୍ଡା ହାଇସ୍କୁଲ ଏବଂ ସମ୍ବଲପୁର ଟିମ୍ ମୁହାଁମୁହିଁ ହେଉଥିବା ନଜିର ରହିଛି। ତେବେ ପ୍ରଥମ ଥର ପାଇଁ ଢେଙ୍କାନାଳ ବାଳିକା ଟିମ୍ ଫାଇନାଲ ପର୍ଯ୍ୟାୟରେ ପହଞ୍ଚିବା ଗୌରବର ବିଷୟ। ଖେଳାଳିଙ୍କ ଅଭ୍ୟାସ ପାଇଁ ଆଷ୍ଟ୍ରୋଟର୍ଫ ପଡ଼ିଆ ନାହିଁ। ରାଜ୍ୟସ୍ତରୀୟ ମ୍ୟାଚ୍‌ଗୁଡ଼ିକ ଆଷ୍ଟ୍ରୋଟର୍ଫ ପଡ଼ିଆରେ ହେଉଥିବାରୁ ସମସ୍ୟା ହୋଇଥିଲା। ଆଗକୁ ଖେଳାଳିମାନେ ଆହୁରି ଭଲ ପ୍ରଦର୍ଶନ କରିବେ ବୋଲି ଆଶା ଥିବା କୋଚ୍ ଏକ୍କା କହିଛନ୍ତି।


ଢେଙ୍କାନାଳ ଜିଲା ଭୁବନ ଫ୍ରେଣ୍ଡଶିପ୍ କ୍ଲବ୍।


କିଙ୍ଗ୍‌ଷ୍ଟାର କ୍ଲବ।


ମୁନ୍‌ଷ୍ଟାର କ୍ଲବ୍।


ଢେଙ୍କାନାଳ କୁମ୍ଭାରସାହି ରାଇଜିଂ ଷ୍ଟାର୍ କ୍ଲବ।

## ସଂକ୍ଷେପରେ

### ବିଦ୍ୟୁତ୍‌ଲତା ପୁନଃ ସଭାନେତ୍ରୀ ମନୋନୀତ



ବଇଣ୍ଡା,୧୯(ଡି.ଏନ.ଏ)- କିଶୋରନଗର ବ୍ଲକର ବିଜେଡି ମହିଳା ସଭାନେତ୍ରୀ ବିଦ୍ୟୁତ୍‌ଲତା ପ୍ରଧାନ ଦ୍ୱିତୀୟ ଥର ପାଇଁ ମହିଳା ବିଜେଡି ଜିଲା ସଭାପତି ଭାବେ ମନୋନୀତ ହୋଇଛନ୍ତି। ତାଙ୍କୁ ଦଳ ପକ୍ଷରୁ ପୁଣି ଚୟନ କରାଯାଇଥିବା ଯୋଗୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଜିଲାରେ ମହିଳା ସଂଗଠନ କିଭଳି ମଜଭୁତ୍ ହେବା ସହ ଆଗାମୀ ନିର୍ବାଚନରେ ବିଜେଡି ଭଲ ସଫଳତା କରିବ ସେ ନେଇ ପରିଶ୍ରମ କରିବି ବୋଲି ବିଦ୍ୟୁତ୍‌ଲତା ପ୍ରକାଶ କରିଛନ୍ତି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ପ୍ରମୁଖ ବିଦ୍ୟୁତ୍‌ଲତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବଇଣ୍ଡା,୧୯(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତିରାଜ ନୋଡାଲ୍



ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ଗୋକୁଳା ନନ୍ଦ ପ୍ରଧାନଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଶ୍ୱନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଏବିଇଓ କୈବଲ୍ୟ କଅଁର, ଅନ୍ୟତମ ଅତିଥି ଭାବେ ଶିକ୍ଷକ ସୁଧାକର ସାହୁ, ରଶ୍ମିତା ପ୍ରଧାନ, ସେହ୍ନଲତା ନାୟକ, ତ୍ରିଲୋଚନ ଦେହୁରୀ, ପୁଷ୍ପଲତା ନାୟକ, ବୀରେନ ସାହୁ, ବିଦ୍ୟାଳୟ ସଭାପତି ଅଜୟ ବେହେରା ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଗୋକୁଳାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ବଜାର ରାସ୍ତାରେ ବଢୁଛି ଟ୍ରାଫିକ ଅବ୍ୟବସ୍ଥା

ଅନୁଗୋଳ ଅଫିସ, ୧୯



ଭିଡ଼ ଭିତରେ ଅଟକି ରହିଥିବା ଜିଲାପାଳଙ୍କ ଗାଡ଼ି।

■ବାହାରେ ସାମଗ୍ରୀ ରଖୁଛନ୍ତି ବ୍ୟବସାୟୀ
■ଉଭୟ ପାର୍ଶ୍ୱ ସହ ମଝିରେ ଗାଡ଼ି ପାର୍କିଂ
■ଅଟକିଗଲା ଜିଲାପାଳଙ୍କ କାର୍

ଅନୁଗୋଳ ବଜାର ରାସ୍ତାରେ ବଢୁଛି ଟ୍ରାଫିକ ଅବ୍ୟବସ୍ଥା। ଦୈନିକ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ରହୁଥିବାରୁ ଯାତାୟାତକାରୀଙ୍କ ସହ ବଜାର ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ରୋଗୀ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବା ଆମ୍ବୁଲାନ୍ସକୁ ମଧ୍ୟ ଅନେକ ସମୟରେ ଏଠାରେ ଅଟକି ଯିବାକୁ ପଡୁଛି। ତେବେ ଗୁରୁବାର ଜିଲାପାଳଙ୍କ ଗାଡ଼ି ଏହି ରାସ୍ତାରେ ଭିଡ଼ ଯୋଗୁ ଅଟକି ଯିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ବଜାର ରାସ୍ତାର ଅନେକ ସ୍ଥାନ କେତେଜଣ ବ୍ୟବସାୟୀଙ୍କ ଅକ୍ତିଆରରେ ରହୁଛି। ସେମାନେ ଦୋକାନ ବାହାରେ ବିକ୍ରି ସାମଗ୍ରୀ ରଖିବା ସହ ଗାଡ଼ି ପାର୍କିଂ କରାଉଛନ୍ତି। ଏପରି କି ଉଭୟ ପାର୍ଶ୍ୱ ସହ ମଝିରେ ଗାଡ଼ି ରଖୁଛନ୍ତି। ଫଳରେ ରାସ୍ତା ସଂକୀର୍ଣ୍ଣ ହୋଇପଡୁଥିବାରୁ ଗମନାଗମନରେ ଅସୁବିଧା ସୃଷ୍ଟି ହେଉଛି। ଭାରିଯାନ ପ୍ରବେଶ କରିବା ମାତ୍ରେ ବଜାର ରାସ୍ତା ଅଧିକ ଜାମ ହୋଇଯାଉଛି। ଫଳରେ ଏହାକୁ ଅତିକ୍ରମ କରିବାକୁ ଲୋକଙ୍କୁ ଦୀର୍ଘ ସମୟ ଲାଗିଯାଉଛି। ବର୍ଷ ବର୍ଷ ହେଲା ଏପରି ଅବ୍ୟବସ୍ଥା ଜାରି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ କରାଯାଉ ନାହିଁ। ଗୁରୁବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟର ରୋଷେଇ ଗୃହ ଉଦ୍‌ଘାଟନ କାର୍ଯ୍ୟ ସାରି ବଜାର ରାସ୍ତାରେ ଫେରୁଥିବା ବେଳେ ଜିଲାପାଳଙ୍କ ଗାଡ଼ି ଜାମ୍‌ରେ ଫଶି ଯାଇଥିଲା। ସହରର ଶାନ୍ତି ବଜାରଠାରେ ଏକ ଭାରିଯାନ ପ୍ରବେଶ କରିଥିଲା। ଫଳରେ ବିଭିନ୍ନ ଗାଡ଼ି ଅଟକି ରହିଥିଲା। ଏପରି କି ଜିଲାପାଳଙ୍କ ଗାଡ଼ି ମଧ୍ୟ ଆଗକୁ ବଢ଼ିପାରି ନ ଥିଲା। ଫଳରେ ଚାଳକ ପଛକୁ ବୁଲାଇ ଜିଲାପାଳଙ୍କୁ ଅନ୍ୟ ରାସ୍ତାରେ କାର୍ଯ୍ୟାଳୟକୁ ଆଣିଥିଲେ। ତେବେ ଜିଲାପାଳଙ୍କ ଗାଡ଼ି ରାସ୍ତାରେ ଅଟକି ରହିବା ପରେ ଆଗକୁ ଆଉ ଏପରି ସମସ୍ୟା ଯେପରି ହେବନାହିଁ ସେ ନେଇ ପୌର କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବେ ବୋଲି ସହରବାସୀ ଆଶାବାଦୀ ରହିଛନ୍ତି। ଅନ୍ୟପକ୍ଷରେ ଜିଲାପାଳଙ୍କ ଗାଡ଼ି ଭିଡ଼ରେ ଫସିଥିବାରୁ ରାସ୍ତାରେ ପସରା ମେଲାଇଥିବା ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି। ଗୁରୁବାର ଅନୁଗୋଳ ସହରର ମାର୍କେଟ ବନ୍ଦ ରହିଥିବା ସତ୍ତ୍ୱେ ଯଦି ଏଭଳି ସମସ୍ୟା ଉପୁଜିଛି ତା'ହେଲେ ଖୋଲାଥିବାବେଳେ କିଭଳି ସମସ୍ୟା ଉପୁଜୁଥିବ ତାହା ପୌର କର୍ତ୍ତୃପକ୍ଷ ଭାବିବା ଆବଶ୍ୟକ ବୋଲି ସହରବାସୀ କହିଛନ୍ତି।

# ମୁଖ୍ୟ ଚିକିତ୍ସାଳୟ ରୋଷେଇ ଗୃହ ଉଦ୍‌ଘାଟିତ

ଅନୁଗୋଳ ଅଫିସ, ୧୯

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ ପାଇଁ ନବନିର୍ମିତ ରୋଷେଇ ଗୃହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପୂର୍ବାହ୍ନରେ ଏହି ରୋଷେଇ ଗୃହର ଉଦ୍‌ଘାଟନ କରିବା ସହ ଉତ୍ତମମାନର ଖାଦ୍ୟ ପ୍ରସ୍ତୁତ କରି ଠିକ୍ ସମୟରେ ରୋଗୀଙ୍କୁ ଯୋଗାଇ ଦେବାକୁ ଦାୟିତ୍ୱ ନେଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ମିଶନ ଶକ୍ତିର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ବଣିଆବାହଲର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ 'ନାରୀଶକ୍ତି'କୁ ଏକବର୍ଷ ପାଇଁ ରୋଷେଇ ଦାୟିତ୍ୱ ଦିଆଯାଇଛି। ଦୈନିକ ୩ଶହ ରୋଗୀଙ୍କ ପାଇଁ ୩ ଟାଇମ ଖାଦ୍ୟ ପ୍ରସ୍ତୁତ କରାଯାଇ ପ୍ରଦାନ କରାଯିବ। ଏ ବାବଦ ସମସ୍ତ ଖର୍ଚ୍ଚ ଚିକିତ୍ସାଳୟ ବହନ କରିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ବସନ୍ତ କୁମାର ମଲ୍ଲିକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।



ଉଦ୍‌ଘାଟନ ପରେ ରୋଷେଇ ଘର ପରିଦର୍ଶନ କରୁଛନ୍ତି ଜିଲାପାଳ।

# ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ




ବଇଣ୍ଡା,୧୯(ଡି.ଏନ.ଏ.)

କିଶୋରନଗର ବ୍ଲକ ବାମୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର ପୋଷାକ ବଣ୍ଟନ କରାଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶରତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସଞ୍ଜୀବ ପ୍ରଧାନ ଯୋଗଦେଇ ୧୦୦ ଜଣ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ସଭାପତି ବବିତା ପ୍ରଧାନ, ୱାର୍ଡ ମେମ୍ବର ମିନା ଷଣ୍ଡ ପ୍ରମୁଖ ଯୋଗଦେଇ ପୋଷାକ ବଣ୍ଟନ କରିଥିଲେ। ଏଥିରେ ଗ୍ରାମବାସୀ ଓ ଅଭିଭାବକ ଉପସ୍ଥିତ ଥିଲେ।

# ନିଖୋଜ ବୃଦ୍ଧଙ୍କ ମୃତଦେହ ଜବତ

କଣିହାଁ,୧୯(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ଗ୍ରାମର ଭଜମନ ନାଏକ(୬୨)ଙ୍କ ମୃତଦେହ ଗୁରୁବାର ଘର ନିକଟସ୍ଥ କୂଅରୁ ପୋଲିସ ଜବତ କରିଛି। ଗତ ତିନିଦିନ ତଳେ ସେ ନିଖୋଜ ଥିଲେ। ଗୁରୁବାର ତାଙ୍କ ମୃତଦେହ କୂଅରେ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଭଜମନଙ୍କ ପୁଅ ରେଙ୍ଗାଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଓ କଣିହାଁ ଦମକଳବାହିନୀ ପହଞ୍ଚି କୂଅରୁ ମୃତଦେହ ଜବତ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡା ଡାକ୍ତରଖାନାକୁ ପଠାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ଲକ୍ଷ୍ମୀ ସାହୁ ସୂଚନା ଦେଇଛନ୍ତି।

# ବନ୍ୟା ପୀଡ଼ିତଙ୍କୁ ରିଲିଫ ବଣ୍ଟନ

ଆଠମଲ୍ଲିକ, ୧୯ (ଡି.ଏନ.ଏ.)

କିଛିଦିନ ତଳେ ମହାନଦୀ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତର ୫ଶହ ପରିବାରକୁ ଓଡ଼ିଶା ଚର୍ଚ୍ଚ ଅଫ୍ ନାଜାରିନ ସଂସ୍ଥା ପକ୍ଷରୁ ରିଲିଫ ବଣ୍ଟନ କରାଯାଇଛି। ଅଏଡା ଯୁକ୍ତ ୨ ପଇଞ୍ଜକୁଳ ମହାବିଦ୍ୟାଳୟଠାରେ ବୁଧବାର ଅପରାହ୍ନରେ ବନ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇବା ପାଇଁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ ପୌରୋହିତ୍ୟ କରିଥିବାବେଳେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବବିତା କର୍ଣ୍ଣ ଯୋଗଦେଇ ଓଡ଼ିଶା ଚର୍ଚ୍ଚ ଅଫ ନାଜାରିନ ସଂସ୍ଥାର ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ସଂସ୍ଥାର ଭାରତୀୟ ଜାତୀୟ ନିର୍ଦ୍ଦେଶକ ତ୍ରିଶା ବରଣ ଦାସ, ଓଡ଼ିଶାର ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଦୀପ୍ତ ବେହେରା, ଆଞ୍ଚଳିକ ସଂଯୋଜକ ପ୍ରଦୀପ୍ତ କିଶୋର ବେହେରା, ସମ୍ମାନିତ ଅତିଥିଭାବେ ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ଆଇନଜୀବୀ ରଞ୍ଜନ କୁମାର ବେହେରା, ଅଏଡା ସମବାୟ ସମିତି ନିର୍ଦ୍ଦେଶକ ବସନ୍ତ କର୍ଣ୍ଣ ଓ ବୀରେନ୍ଦ୍ର କୁମାର ପାତ୍ର, ପଞ୍ଚାୟତ ୱାର୍ଡସଭ୍ୟାସଭ୍ୟ ଅତୁଲ୍ୟ ପଣ୍ଡା, ବନିତା ତରିଆ, ସୁଶୀଳା କର୍ମୀ, ପ୍ରଦ୍ୟୁମ୍ନ ବେହେରା, ସସ୍ମିତା ସେଠୀ, ରଶ୍ମିତା ନାୟକ, ଗୟା ନାୟକ, ବନ୍ଧୁଚରଣ ବେହେରା ଓ ଭୀମସେନ ବେହେରା ଉପସ୍ଥିତ ଥିଲେ। ଜାମୁଡୋଲୀ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ସାହୁ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



ବନ୍ୟା ବିପନ୍ନଙ୍କୁ ରିଲିଫ ପ୍ରଦାନ କରାଯାଉଛି।

# ଡ୍ରାଇଭର ସଂଘକୁ ମାନପତ୍ର

ମାଧପୁର, ୧୯

ଆଠମଲ୍ଲିକ ଡ୍ରାଇଭର ମହାସଂଘ ପକ୍ଷରୁ ଗୁରୁବାର ଆଠମଲ୍ଲିକଠାରେ ଡ୍ରାଇଭର ଦିବସ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଗୋପବନ୍ଧୁ ସେବା ସଂଗଠନ ଗୌତମପୁର ଡ୍ରାଇଭର ମହାସଂଘ ଆଠମଲ୍ଲିକ ଶାଖାକୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି । ସେବା ସଂଗଠନ ସଭାପତି ସଲିଳ ମେଣ୍ଡୁଲି, ସମ୍ପାଦକ ସୌମ୍ୟରଞ୍ଜନ ଦନ୍ତା, ଉପଦେଷ୍ଟା ଅଭିରାମ ମେହେର, ଦେବରାଜ ନାୟକ, ସନ୍ତୋଷ ମେହେର, ପ୍ରଶାନ୍ତ କୁମାର ବିଶି, ପ୍ରତାପଚନ୍ଦ୍ର କର୍ଣ୍ଣ, ଆଠମଲ୍ଲିକ ଏନ୍ଏସି ଅଧକ୍ଷା ଆଶାକୁମାରୀ ସାହୁ ପ୍ରମୁଖ ଉପସ୍ଥିତ ରହି ଡ୍ରାଇଭର ସଂଘକୁ ମାନ ପତ୍ର ପ୍ରଦାନ କରିଥିଲେ।



ଡ୍ରାଇଭର ସଂଘକୁ ମାନପତ୍ର ପ୍ରଦାନ କରାଯାଉଛି।

# ସଚେତନ, ସଙ୍ଗଠିତ ରହିବାକୁ ଆହ୍ୱାନ

ଅନୁଗୋଳ ଅଫିସ, ୧୯

ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧିକୁ ରୋକିବା, ଖାଦ୍ୟଦ୍ରବ୍ୟ ଉପରେ ଜିଏସ୍‌ଟି ପ୍ରତ୍ୟାହାର, ବିଜୁଳି ଶୁଳ୍କ ବୃଦ୍ଧି ବନ୍ଦ, ବେକାରଙ୍କୁ ନିଯୁକ୍ତି, ମଦ ଡିପୋ ଖୋଲିବା ବନ୍ଦ, ଚାଷୀ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ନିର୍ଦ୍ଧାରଣ, ଅଧିଗ୍ରହଣ କରାଯାଉଥିବା ଜମିର ଉଚିତ୍ ମୂଲ୍ୟ ଓ କ୍ଷତିଗ୍ରସ୍ତଙ୍କୁ ସ୍ଥାୟୀ ନିଯୁକ୍ତି ଆଦି ଦାବିରେ ବୁଧବାର ଜରପଡାଠାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଆଞ୍ଚଳିକ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସୁବାସ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ମାନସ ପାଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରାଜ୍ୟ କମିଟି ସଭ୍ୟ ଜୟସେନ ମେହେର ଯୋଗଦେଇ ଆସନ୍ତା ୨୯ ସେପ୍ଟେମ୍ବରରେ ଦଳ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ



ଥିବା ରାଜ୍ୟସ୍ତରୀୟ ଗଣବିକ୍ଷୋଭରେ ବହୁ ସଂଖ୍ୟାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ ଛେଣ୍ଡିପଦା ବ୍ଲକରେ ରେଲଲାଇନ୍ ନିର୍ମାଣ, ଖଣି ପ୍ରତିଷ୍ଠା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ଦାବି ସମ୍ପର୍କରେ ବାସ୍ତବ ପଦକ୍ଷେପ ଗ୍ରହଣ କରିବା ପାଇଁ ସଚେତନ ଓ ସଙ୍ଗଠିତ ରହିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ସଭ୍ୟ ଜଳଧର ଦେହୁରୀ, ଦୟାନିଧି ସାହୁ, କୁମର ସାହୁଙ୍କ ସମେତ ଭରତ ନାଏକ, ଲମ୍ବୋଦର ପଣ୍ଡା, ଚରଣ ବେହେରା, ବିପ୍ର ପ୍ରଧାନ, କୁମୁଦ ପଧାନ, ବିକ୍ରମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଗଦେବୀଙ୍କ ବିଗ୍ରହ ପ୍ରତିଷ୍ଠା

କଣିହାଁ,୧୯(ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରମୋହନ ହାଇସ୍କୁଲ ପରିସରରେ ବୁଧବାର ଗଣେଶ ପୂଜା ସହ ବାଗଦେବୀ ସରସ୍ୱତୀଙ୍କ ସ୍ଥାୟୀ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା କଳସଯାତ୍ରା ପରେ ଦୁଇ ବିଗ୍ରହକୁ ବିମାନ ଓ ମନ୍ଦିର ଆକୃତି ମଣ୍ଡପରେ ସ୍ଥାପନ କରାଯାଇଥିଲା। ପ୍ରଧାନଶିକ୍ଷକ ଦାଶରଥି ଜେନା କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ସହକାରୀ ଶିକ୍ଷକ, ସାହିତ୍ୟକ ସିଦ୍ଧିପ୍ରସାଦ ସାହୁ, ଦିଲୀପ ପ୍ରଧାନ, ଅନିତା ଦେହୁରୀ ପ୍ରମୁଖ ପରିଚାଳନା କରିଥିଲେ। ଅତିଥି ଭାବେ ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ କୁଳମଣି ସାମଲ, ପ୍ରଦୀପ୍ତ ପ୍ରଧାନ, ସୁଧାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟରାମ ପ୍ରଧାନ, ଦ୍ୱିଲୋକ ସାହୁ, ମହେଶ୍ୱର ନାୟକ, ବିଦ୍ୟାଳୟ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।



# ଆଇନଜୀବୀଙ୍କ ବିୟୋଗରେ ଶୋକ

ଅନୁଗୋଳ ଅଫିସ, ୧୯

ଅନୁଗୋଳ ଓକିଲ ସଂଘର ବରିଷ୍ଠ ସଦସ୍ୟ ଗଦାଧର ଗଡନାୟକଙ୍କ ଗତ ୩୦ ତାରିଖରେ ହୃଦ୍‌ଘାତରେ ପରଲୋକ ହୋଇଯାଇଥିବାରୁ ଗୁରୁବାର ଏ ନେଇ ଏକ ଶୋକସଭା ଅନୁଗୋଳ ଓକିଲ ସଂଘ ସଭାପତି ଦିଲୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବହୁ ଆଇନଜୀବୀ ଯୋଗଦେଇ ସ୍ୱର୍ଗତ ଗଡନାୟକଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଦୀର୍ଘ ବର୍ଷର ଓକିଲାତି ଭିତରେ ସେ ସରକାରୀ ଓକିଲ ଭାବେ କାର୍ଯ୍ୟ କରି ଆସୁଥିଲେ। ଜିଲା ଖାଉଟି ଅଦାଲତର ଅଧ୍ୟକ୍ଷ ଭାବେ ୫ ବର୍ଷ କାର୍ଯ୍ୟ କରିଥିଲେ। ଉକ୍ତ ଶୋକ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ର, ମହେନ୍ଦ୍ର ବଡ଼ିଆ, ପରମାନନ୍ଦ ମିଶ୍ର, ଭୂପେଶ ଚନ୍ଦ୍ର ପ୍ରଧାନ, ବସନ୍ତ ଦାସ, ଭାସ୍କର ବେହେରା, ସୀତାଂଶୁ ଶେଖର ନାଥ, ଉଦୟ ଶଙ୍କର ମିଶ୍ର, ପ୍ରଦୀପ ଭୂତିଆ, ରଜତ ରଞ୍ଜନ ଦାଶ, ଜିତେନ୍ଦ୍ର କୁମାର ସାହୁ, ଦିଲୀପ ଦାସ, ପ୍ରଦୀପ ଦେବତା, ଗୋପାଳ ନାଥ, ପ୍ରମୋଦ ପ୍ରଧାନ, ବୈଷ୍ଣବ ପାତ୍ର, ଅଜିତ ବିଶୋଇ, ବୀରେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଦିନକ ପାଇଁ କଚେରିର ସମସ୍ତ କାର୍ଯ୍ୟରୁ ଆଇନଜୀବୀମାନେ ନିବୃତ୍ତ ରହିଥିଲେ। ସଂଘ ସମ୍ପାଦକ ଧ୍ରୁବ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଶୋକସଭାରେ ଉପସ୍ଥିତ ଓକିଲ ସଂଘ କର୍ମକର୍ତ୍ତାମାନେ।

# ଜଷ୍ଟିସ୍ ମହାପାତ୍ରଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି

ତାଳଚେର, ୧୯ (ନି.ପ୍ର.)

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଦେବପ୍ରିୟ ମହାପାତ୍ରଙ୍କ ବିୟୋଗରେ ତାଳଚେର ଓକିଲ ସଂଘ ପକ୍ଷରୁ ଗୁରୁବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମଧୁବାବୁ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି ସଭାରେ ସଂଘ ସଭାପତି ସନ୍ତୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାଜଜ୍ ତାଳଚେର ରବୀନ୍ଦ୍ର ଦାସ, ସବ୍‌ଜଜ୍ ବବିତା ଦାସ, ଅତିରିକ୍ତ ସବ୍‌ଜଜ୍ ସନ୍ଧ୍ୟାରାଣୀ ରଥ ଓ ଜେଏମ୍ଏଫ୍‌ସି ମହସିନି ମହାପାତ୍ର ଏବଂ ସଂଘର ବରିଷ୍ଠ ସଦସ୍ୟ ଅରୁଣ ଶଙ୍କର ମିଶ୍ର, ଦେବୀ ପ୍ରସାଦ ରଥ, ହରେକୃଷ୍ଣ ପାତ୍ରଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ। ଜଷ୍ଟିସ୍ ମହାପାତ୍ର ୧୯୮୩ ରୁ ୧୯୯୬ ପର୍ଯ୍ୟନ୍ତ ଓଡ଼ିଶା ହାଇକୋର୍ଟର ବିଚାରପତି ଏବଂ ୧୯୯୬ରେ ସେ ଆଲ୍ଲାହାବାଦ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଯୋଗ ଦେଇଥିଲେ। ୧୯୯୮ ମସିହାରେ ସୁପ୍ରିମକୋର୍ଟରେ ଜଷ୍ଟିସ୍ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ଏହାପରେ ସେ ୨୦୦୦ରୁ ୨୦୦୩ ମସିହା ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ମାନବାଧିକାର କମିଶନର ପ୍ରଥମ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ମୃତ୍ୟୁ ଦେଶ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଅତିରିକ୍ତ ଜିଲାଜଜ୍ ମତବ୍ୟକ୍ତ କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ଜଣାଇ ତାଳଚେର ଓକିଲମାନେ ଦ୍ୱିତୀୟାର୍ଦ୍ଧରୁ ସମସ୍ତ କାର୍ଯ୍ୟରୁ ନିବୃତ୍ତ ରହିଥିଲେ। ଏହି ଶୋକସଭାରେ ସଂଘ ସାଧାରଣ ସମ୍ପାଦକ ଦିନବନ୍ଧୁ ସାହୁ, ସହ ସମ୍ପାଦକ ଚିନ୍ମୟ କୁମାର ରାଏ, ସାଂସ୍କୃତିକ ସମ୍ପାଦକ ରାଜେନ୍ଦ୍ର ସିଂ ଡିଙ୍ଗରା, ଅଡିଟର ବବିତା ଦାସ, ସେମିନାର ସମ୍ପାଦକ ଲଳିତାମଣୀ ନାଏକ ଉପସ୍ଥିତ ଥିଲେ। ଉପସଭାପତି ମାନସ ରଞ୍ଜନ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।



ଶୋକସଭାରେ ଉପସ୍ଥିତ ବିଚାରପତିଙ୍କ ସମେତ ଓକିଲ ସଂଘ କର୍ମକର୍ତ୍ତାମାନେ।

